# ମୋର ଆତ୍ମ ଜୀବନୀ

ଏନୃସିଂହ ଗୁରୁ

ସମ୍ବଲପୁର ଜିଲ୍ଲା ଶାସନ ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ୧୯୦୨ ଖ୍ରୀଷ୍ଟାବ୍ଦ ଫାଲଗୁନ ପୂର୍ଣ୍ଣିମା ଦିନ ମୋର ଜନ୍ମ । ମୋର ବୃଦ୍ଧ ପ୍ରପିତାମହ ଏ କାଶୀନାଥ ଗୁରୁ ଏହି ଗ୍ରାମଟି ବସାଇଥିବାରୁ ତାଙ୍କର ସଂଜ୍ଞା ଅନୁସାରେ ଗୁରୁପାଲି ନାମରେ ନାମିତ ହୋଇଛି । ମୋ ମାତାଙ୍କ ଗର୍ଭରେ ଥିବାବେଳେ ମୋର ମାତାମହୀ ସ୍ୱର୍ଗୀୟା ରାଧିକା ଦେବୀ ପଶ୍ଚିମ ଓଡିଶାର ପ୍ରସିଦ୍ଧ ତୀର୍ଥସ୍ଥଳୀ ଶ୍ରୀ ନୃସିଂହ ନାଥ ବା ପାପହରଣ କ୍ଷେତ୍ରକୁ ତୀର୍ଥଯାତ୍ରାରେ ଯାଇ ମନ୍ଦିରରେ ଜଣେ ପୁତ୍ରଲାଭ କରୁ ବୋଲି ମାନସ କରି ଗୋଟିଏ ଗୁଆ ବସାଇଥିଲେ ଏବଂ ତାଙ୍କର ଆଶା ଫଳପ୍ରସୂ ହେବାରୁ ମୋର ନାମ ନୃସିଂହ ଦେଇଥିଲେ । ମୋର ମାତୃକୁଳ ଓ ପିତୃକୁଳ ମୋର ଲାଳନ ପାଳନ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଦୃଷ୍ଟି ଦେଉଥିଲେ । ଶାସନରେ ଗୋଟିଏ ଉଚ୍ଚ ପ୍ରାଥମିକ ସ୍କୁଲ ଥିଲା ଏବଂ ଗାଁରେ ଚାଟଶାଳୀ ପାଠ ଆରମ୍ଭ କରିବା ପରେ ଶାସନ ସ୍କୁଲରେ ପିତା ଗଣେଶରାମ ଗୁରୁ ନାମ ଲେଖାଇବାକୁ ସାଙ୍ଗରେ ନେଇଗଲେ । ସ୍କୁଲର ହେଡପଣ୍ଡିତ ଏ ସାଗର ପାଢ଼ୀ ମତେ ପରୀକ୍ଷା କରି ମୁଁ ଅ, ଆ ଲେଖିଦେବାରୁ ଦିଓଟି ତମ୍ବାପଇସା ପୁରସ୍କାର ଦେଇ ସ୍କୁଲରେ ପ୍ରବେଶ କରାଇଥିଲେ । ସେଠାରେ ସ୍ୱର୍ଗତ ମଦନ ମୋହନ ମିଶ୍ରଙ୍କ (ମନିଟର ବା ସର୍ବନିମ୍ନ ଶିକ୍ଷକ) ଶିକ୍ଷାଦାନରେ ଶିଶୁଶ୍ରେଣୀ ଅଧ୍ୟୟନ ଶେଷକଲି । ଆମ ଗାଁ ଠୁଁ ଶାସନ ଦେଢ଼ ମାଇଲ ଚାଲିଯିବାକୁ ହୁଏ । ସେତେବେଳେ ଦି'ଓଳି ପାଠପଢ଼ା ହେଉଥିଲା । ଏତେ ବାଟ ଚାଲି ସ୍କୁଲକୁ ଯିବା ଆସିବା କରିବାଦ୍ୱାରା ପଢ଼ାପଢ଼ିରେ ସୁବିଧା ହେବ ନାହିଁ ଭାବି ମୋର ମାତା ଏ ଲକ୍ଷ୍ମୀଦେବୀ ବା ରୁକ୍ମିଣୀଦେବୀ ମୋର ମାତୁଳାଳୟ ଅତାବିରା ଥାନା ଅନ୍ତର୍ଗତ ସରଣ୍ଡାରେ ରହି ପଢ଼ାପଢ଼ି କରିବାର ବ୍ୟବସ୍ଥା କରିବାକୁ ପସନ୍ଦ କଲେ । ମୋର ମାତାମହ ସ୍ୱର୍ଗତ ଜଗଦୀଶ ହୋତା ସରଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରତିଷ୍ଠାତା ଓ ହେଡପଣ୍ଡିତ ଥିଲେ । ମାତାଙ୍କ ପରାମର୍ଶ କ୍ରମେ ମାତାମହ ମୋତେ ତାଙ୍କ ଘରକୁ ନେଇଗଲେ ଓ ସେଠା ସ୍କୁଲରେ ମୋ ପଢ଼ିବା ବ୍ୟବସ୍ଥା କଲେ । ମୋର ମେଧାଶକ୍ତି ଉପଲବ୍ଧି କରି ମୋତେ ଗୋଟିଏ ବର୍ଷରେ ପ୍ରଥମ ଓ ଦ୍ୱିତୀୟ ଦିଓଟି ଶ୍ରେଣୀରୁ ଉତ୍ତୀର୍ଣ୍ଣ କରି ଦେଇଥିଲେ ।

ଆଉ ଦୁଇବର୍ଷ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପଢ଼ି ମୁଁ ବୃତ୍ତିପରୀକ୍ଷା ପାଇଁ ନିର୍ବାଚିତ ହେଲି । ବରଗଡକୁ ବୃତ୍ତିପରୀକ୍ଷା ପାଇଁ ଯାଇ ମୋର ମାତାମହଙ୍କ ସଙ୍ଗେ ଘନିଷ୍ଠତା ଥିବାରୁ ତତ୍କାଳୀନ ରେମଣ୍ଡା ମଧ ଇଂରାଜୀ ସ୍କୁଲର ହେଡପଣ୍ଡିତ ସ୍ୱର୍ଗୀୟ କବିଭୂଷଣ ସ୍ୱପ୍ନେଶ୍ୱର ଦାସ ତାଙ୍କ ସ୍କୁଲର ପରୀକ୍ଷାର୍ଥୀଙ୍କୁ ନେଇ ରହିଥିବା ଦୋରା ଧର୍ମଶାଳାରେ ଏକାସାଙ୍ଗରେ ରହିଲୁଁ । ଯେଉଁଦିନ ବିଜ୍ଞାନ ପରୀକ୍ଷା ଥିଲା ସେଦିନ ଭୋରରୁ ଉଠାଇ ସ୍ୱର୍ଗୀୟ ଦାସ ମୋତେ ଓ ତୋରାର ମୋର ଜଣେ ସହପରୀକ୍ଷାର୍ଥୀଙ୍କୁ ଆକାଶରେ ଧ୍ରୁବତାରା ଓ ସପ୍ତର୍ଷି ମଣ୍ଡଳ ଦେଖାଇ ଥିଲେ । ପରୀକ୍ଷାରେ ଚିତ୍ରାଙ୍କନ ସହ ଧ୍ରୁବତାରାର ବର୍ଣ୍ଣନା ପାଇଁ ଗୋଟିଏ ପ୍ରଶ୍ନ ଥିଲା । ପ୍ରତିଦ୍ୱନ୍ଦିତା ମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମୁଁ ଗୋଟିଏ ଛାତ୍ର ବୃତ୍ତି ପାଇବାର ଯୋଗ୍ୟତା ଅର୍ଜନ କଲି ।

ତାପରେ ସମ୍ବଲପୁର ପଟ୍ଟନାୟକପଡା ମଧଇଂରାଜୀ ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ପ୍ରବେଶ କଲି ଏବଂ ସେଠାରେ ଚାରିବର୍ଷ ଅଧ୍ୟୟନ କରି ପୁଣି ପ୍ରତିଦ୍ୱନ୍ଦିତା-ମୂଳକବୃତ୍ତି-ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧଇଂରାଜୀ ବୃତ୍ତି ପାଇଲି । 'ଶକ୍ତି'ର ସମ୍ପାଦକ ସ୍ୱର୍ଗୀୟ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରଧାନଶିକ୍ଷକ ଓ ସ୍ୱର୍ଗୀୟ ବୃନ୍ଦାବନ ଦାନୀ ସ୍କୁଲର ହେଡପଣ୍ଡିତ ଥିଲେ । ସ୍କୁଲର ଅନ୍ୟାନ୍ୟ ସମସ୍ତ ଶିକ୍ଷକ ସମେତ ପ୍ରଧାନଶିକ୍ଷକ ଓ ହେଡପଣ୍ଡିତଙ୍କର ମୋର ଶିକ୍ଷା ପ୍ରତି ଆନ୍ତରିକ ଦୃଷ୍ଟି ଦେଉଥିଲେ । ଆମ ପରିବାରର ଆର୍ଥିକ ପରିସ୍ଥିତି ଭଲନଥିବାରୁ ପଢ଼ାପଢ଼ିରେ କାଳେ ବାଧା ପଡିବ ଭାବି ସ୍ୱର୍ଗୀୟ ଦାସ ଅନ୍ୟାନ୍ୟ ଶିକ୍ଷକ ଓ ଅମଲାମାନଙ୍କ ସଙ୍ଗେ ସେ ରହୁଥିବା ମେସକୁ ମତେ ନେଇ ଏକ ପ୍ରକାର ମାଗଣା ଖାଇବା ରହିବା ବ୍ୟବସ୍ଥା କରି ପରୀକ୍ଷାର ପ୍ରାୟ ୬ ମାସ ଆଗରୁ ରଖିଲେ । ପ୍ରଥମ ପତ୍ର ପରୀକ୍ଷା ଶେଷକରି ବିରତି ସମୟରେ ମୁଁ ତାଙ୍କ ପାଖକୁ ପ୍ରଶ୍ନପତ୍ର ନେଇ ଯିବାବେଳେ ସେ ମୋ ପାଇଁ ଜଳଖିଆର ବ୍ୟବସ୍ଥା କରି ରଖୁଥିଲେ । ହେଡପଣ୍ଡିତ ମହାଶୟ ପରୀକ୍ଷାର ୬ ମାସ ଆଗରୁ ପ୍ରତ୍ୟହ ପୂର୍ବାହ୍ନରେ ପ୍ରାୟ ଦୁଇ ଘଣ୍ଟା ମୋତେ ଓ ନିର୍ବାଚିତ ଅନ୍ୟ ପରୀକ୍ଷାର୍ଥୀମାନଙ୍କୁ ଘରୋଇ ଶିକ୍ଷା ଦେଉଥିଲେ ।

ସରଣ୍ଡାସ୍କୁଲରେ ମୋର ମାତାମହ ପାଠ୍ୟପୁସ୍ତକ ବାହାରେ ଅଙ୍କ ପ୍ରଶ୍ନ ସମାଧାନ ଲୀଳାବତୀ ସୂତ୍ର ଆଦିରୁ ଗଣିତ ଶିକ୍ଷା ଏବଂ ଓଡ଼ିଆ ବ୍ୟାକରଣ ଏବଂ ପଟ୍ଟନାୟକ ପଡା ସ୍କୁଲରେ ଏ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରଣିତ 'ଚାଇଲଡ୍ ଇଜି ଫାଷ୍ଟ୍ ଗ୍ରାମର' ମୋର ଶିକ୍ଷାର ଶେଷ ସମୟ ପର୍ଯ୍ୟନ୍ତ ଗଣିତ, ସାହିତ୍ୟ ଓ ଇଂରାଜୀରେ ସହାୟକ ହୋଇଥିଲେ ।

ମଧଇଂରାଜୀ ବୃତ୍ତିପାଇ ସମ୍ବଲପୁର ଜିଲ୍ଲା ସ୍କୁଲରେ ପ୍ରବେଶ କରି ଛାତ୍ରାବାସରେ ରହିବାବେଳେ ଆଦର୍ଶ ଶିକ୍ଷକ ଏ କୃଷ୍ଣଚନ୍ଦ୍ର ସେନଗୁପ୍ତ ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିଲେ । ତାଙ୍କର ସାନ୍ନିଧ ଲାଭକରି

ସ୍ୱଦେଶୀ ବ୍ୟବହାର, ନୀତିଶିକ୍ଷା, ପ୍ରବନ୍ଧ ପ୍ରତିଯୋଗିତା ଆଦିର ପ୍ରେରଣା ଲାଭ କରିଥିଲି । ମେଧା ଓ ସଦାଚାର ପାଇଁ ଦିଓଟି ପୁରସ୍କାର ମୋର ପ୍ରତିବର୍ଷ ଧରାବନ୍ଧା ଥିଲା ।

ଦଶମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶ ଶ୍ରେଣୀରେ ପ୍ରବେଶ କରିବା ମାତ୍ରେ ୧୯୨୧ ଜାନୁୟାରୀ ମାସରେ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପାଇଁ ସ୍କୁଲ ବର୍ଜନ କଲି ଏବଂ କିଛିଦିନ ସମ୍ବଲପୁର ଜାତୀୟ ବିଦ୍ୟାଳୟରେ ଛାତ୍ର ରୂପେ ଯୋଗଦେଇ କଂଗ୍ରେସ କର୍ମୀ ରୂପେ କାମ କଲି । ଯେଉଁ ଝାରସୁଗୁଡ଼ା ଓ ଲଇକେରା ଥାନାରେ କଂଗ୍ରେସ ପ୍ରଚାରର ଦାୟିତ୍ୱରେ ମୁଁ ଅନ୍ୟାନ୍ୟ କର୍ମୀଙ୍କ ସଙ୍ଗେ କାର୍ଯ୍ୟ କରୁଥିଲି,ସେହି ଅଞ୍ଚଳରେ ଅଘରିଆ ଶ୍ରେଣୀର ଲୋକେ ବହୁଳ ଭାବରେ ବସବାସ କରୁଥିଲେ ଏବଂ ସୂତାକଟା ସେମାନଙ୍କର ସାମାଜିକ ଧନ୍ଦାଥିଲା । ତେଣୁ କଂଗ୍ରେସର ସଭ୍ୟ ରହିବା ସଙ୍ଗେ ସୂତାକଟା ଓ ଖଦୀବୁଣାର ପ୍ରସାର ପାଇଁ ସୁଯୋଗ ମିଳିଥିଲା । ବ୍ରିଟିଶ ସରକାରଙ୍କ ତୀବ୍ର ଦମନ ମୂଳକ ଶାସନ ସତ୍ତ୍ୱେ ଉଭୟ ଥାନାରେ ବର୍ଷକ ମଧ୍ୟରେ ଦୁଇ ହଜାର ପ୍ରାଥମିକ କଂଗ୍ରେସ ସଭ୍ୟ ସଂଗ୍ରହ ହୋଇଥିଲେ । ୰ ମହାବୀର ସିଂହ ସେ ଅଞ୍ଚଳର ପ୍ରଧାନ ପୃଷ୍ଠପୋଷକ ଥିଲେ ଏବଂ ୧୯୨୧ ଶେଷ ବେଳକୁ ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟୀର ସଭାପତି ରୂପେ ଆସୀନ ହୋଇଥିଲେ । ତାଙ୍କ ଘରଟି କଂଗ୍ରେସ କର୍ମୀମାନଙ୍କର ଏକପ୍ରକାର ଆଶ୍ରମରେ ପରିଣତ ହୋଇଥିଲା । ସେହିଘରେ ରହି ସହକର୍ମୀମାନଙ୍କ ସହିତ କଂଗ୍ରେସର ପ୍ରଚାର କାର୍ଯ୍ୟ କରୁଥିଲି ।

୧୯୨୪ ପର୍ଯ୍ୟନ୍ତ କଂଗ୍ରେସର ଗଠନମୂଳକ କାର୍ଯ୍ୟରେ ଲାଗିବା ପରେ ସ୍ୱର୍ଗତ ମୋତିଲାଲ ନେହେରୁ, ଚିତ୍ତରଞ୍ଜନ ଦାସ, ପ୍ରମୁଖଙ୍କ ଦ୍ୱାରା ସ୍ୱରାଜଦଳ ଗଠିତ ହେବାରୁ କଂଗ୍ରେସ କାର୍ଯ୍ୟରେ କିଛି ଶିଥିଳତା ପ୍ରକାଶ ପାଇଲା । ଲଇଡାରେ ମାସେ ଜଣେ ଘରୋଇ ଶିକ୍ଷକ ଭାବରେ କାର୍ଯ୍ୟ କରିବା ପରେ ଭରଣ ପୋଷଣର ପନ୍ଥାରୂପେ ସମ୍ବଲପୁରର ସ୍ୱନାମଧନ୍ୟ ନିର୍ଭୀକ ଓ ନିଷ୍ପାପର ସମାଜସେବୀ ସ୍ୱର୍ଗତ ଚନ୍ଦ୍ରଶେଖର ବେହେରା ମ୍ୟୁନିସିପାଲିଟିର ଚେୟାରମେନ ଥିବାବେଳେ ମୋତେ ମ୍ୟୁନିସିପାଲିଟିରେ ନିଯୁକ୍ତି ଦେଇଥିଲେ । କିନ୍ତୁ ଆବଶ୍ୟକ ବେଳେ ସେ ମୋତେ ଛୁଟି ଦେଇ ଦେଶ-ମିଶ୍ରଣ ଓ କଂଗ୍ରେସର କାର୍ଯ୍ୟ କରିବା ସୁଯୋଗ ଦେଉଥିଲେ । ୧୯୨୮ ଡିସେମ୍ବର ମାସରେ ମହାତ୍ମାଗାନ୍ଧୀଙ୍କ ସମ୍ବଲପୁର ପରିଦର୍ଶନ ଅବସରରେ ସେ ମୋତେ ଛୁଟି ମଗାଇ ତାଙ୍କ ବାସଭବନରେ ମହାତ୍ମାଗାନ୍ଧୀ ଓ ତାଙ୍କ ସହକର୍ମୀ ମାନଙ୍କ ଅତିଥିଚର୍ଚ୍ଚା ପାଇଁ ରୋଷେଇଶାଳର ଦାୟିତ୍ୱରେ ମୋତେ ରଖିଥିଲେ । ଫୁଲଝର, ଖରିଆର, ପଦ୍ମପୁର,ଚନ୍ଦ୍ରପୁର ଆଦି ଉପାନ୍ତ ଅଞ୍ଚଳରେ ଦେଶମିଶ୍ରଣ ସମିତିର ଅଧ୍ୟକ୍ଷ ରୂପେ ସେ ମୋତେ ନିଯୁକ୍ତି ଦେଇଥିଲେ । ୧୯୩୧ ରେ କଂଗ୍ରେସ ବେଆଇନ ଘୋଷିତ ହେବାପରେ ମୁଁ ମ୍ୟୁନିସିପାଲିଟିରୁ ଇସ୍ତଫା ଦେଇ ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେଇ ୧୯୩୨ ରେ ଜେଲବରଣ କରିଥିଲି ।

୧୯୩୨ ଅଗଷ୍ଟ ମାସରେ ଜେଲରୁ ଖଲାସ ହେବାପରେ ଓଡ଼ିଶାରେ ଅସ୍ପୃଶ୍ୟତା ନିବାରଣୀ ସମିତି ଗଠନ ଉଦ୍ଦେଶ୍ୟରେ ସ୍ୱର୍ଗତ ତ୍ୟାଗୀ ନେତା ଗୋପବନ୍ଧୁ ଚୌଧୁରୀ କଟକ ଯିବାପାଇଁ ସ୍ୱର୍ଗତ ଚନ୍ଦ୍ରଶେଖର ବେହେରା ଓ ମୋପାଖକୁ ପତ୍ର ଲେଖିଥିଲେ । ସ୍ୱର୍ଗତ ବେହେରାଙ୍କ ସଙ୍ଗେ ଦେଖାହେବାରୁ ସେ ମୋତେ କଟକ ଯିବା ପାଇଁ ପରାମର୍ଶ ଦେଲେ ଏବଂ ୧୨ ଟଙ୍କା ଅନ୍ୟାନ୍ୟ ବନ୍ଧୁଙ୍କ ଠାରୁ ସଂଗ୍ରହ କରି ନିଜ ହାତରୁ ୩ ଟଙ୍କା ମିଶାଇ ମୋର ପାଥେୟର ବ୍ୟବସ୍ଥା କଲେ । ମୋତେ ପ୍ରାଦେଶିକ ସମିତିର ଓ କାର୍ଯ୍ୟକାରୀ କମିଟୀର ଜଣେ ସଭ୍ୟରୂପେ ଗ୍ରହଣ କରାଗଲା । ସ୍ୱର୍ଗତ ବେହେରାଙ୍କ ସଭାପତିତ୍ୱରେ ସମ୍ବଲପୁର ଜିଲ୍ଲା ଅସ୍ପୃଶ୍ୟତା ନିବାରଣୀ ସମିତି ଗଠିତ ହୋଇ ମୋତେ ସମ୍ପାଦକ ଦାୟିତ୍ୱରେ ରଖାଗଲା । ପରେ ଏହି ସମିତିର ନାମ ହରିଜନ ସେବକ ସଂଘରେ ପରିଣତ ହେଲା । ନିଖିଳ ଭାରତ ହରିଜନ ସେବକ ସଂଘର ସାଧାରଣ ସଂପାଦକ ସ୍ୱନାମଧନ୍ୟ ଅମୃତଲାଲ ଭି: ଠକ୍‌କର ଏକାଧିକବାର ସମ୍ବଲପୁର ପରିଦର୍ଶନରେ ଆସି ମୋ କାର୍ଯ୍ୟରେ ସହାନୁଭୂତି ସୂଚକ ସନ୍ତୋଷ ପ୍ରକାଶ କଲେ । ୧୯୩୪ରେ ଓଡ଼ିଶା ହରିଜନ ଗସ୍ତ ପାଇଁ ମହାତ୍ମାଗାନ୍ଧୀଙ୍କ କାର୍ଯ୍ୟକ୍ରମରେ ସମ୍ବଲପୁର ଓ ଅନୁଗୁଳକୁ ଅନ୍ତର୍ଭୁକ୍ତ କରିବାରେ ଠକ୍‌କର ବାପା ଫଳପ୍ରଦ ସମର୍ଥନ ଜଣାଇଥିଲେ । ୧୯୩୪ ମଇ ୫ ତାରିଖ ଦିନ ଝାରସୁଗୁଡ଼ାଠାରେ ଓଡ଼ିଶାଗସ୍ତ ଆରମ୍ଭ ହେଲା । ମହାତ୍ମାଗାନ୍ଧୀ ଝାରସୁଗୁଡ଼ା ଓ ସମ୍ବଲପୁରରେ ଦିଓଟି ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ ଏବଂ ଉଭୟ ସଭାରେ ମୋଟ ୯୯୮ ଟଙ୍କା ଆଠଅଣାର ଥଳି ତାଙ୍କୁ ଭେଟି ଦିଆହୋଇଥିଲା । ତାପରେ ମହାତ୍ମାଜୀ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ ଏବଂ ଓଡ଼ିଶାର ଦରିଦ୍ର ପରିସ୍ଥିତି ଦେଖି ପୁରୀରୁ ପଦଯାତ୍ରା ଆରମ୍ଭ କରିଥିଲେ । ଯେଉଁ ଜିଲ୍ଲାରୁ ଯେତିକି ଦାନ ମିଳିଥିବ ସେହି ଜିଲ୍ଲାରେ ହରିଜନଙ୍କ କଲ୍ୟାଣ କାର୍ଯ୍ୟକ୍ରମରେ ତାହା ଖର୍ଚ୍ଚ ହେବ ବୋଲି ସିଦ୍ଧାନ୍ତ ଗ୍ରହଣକରି ପ୍ରତ୍ୟେକ ଜିଲ୍ଲା ପାଇଁ ଯୋଜନା ଦେବାକୁ ନିର୍ଦ୍ଦେଶ ଦିଆଗଲା । ସମ୍ବଲପୁରରେ ୫ ଜଣ ହରିଜନ ଛାତ୍ରଙ୍କୁ ନେଇ ଗୋଟିଏ ଛାତ୍ରାବାସ ଖୋଲିବା ପାଇଁ ମୁଁ ପ୍ରସ୍ତାବ ଦେଲି । ସୌଭାଗ୍ୟକୁ ସମ୍ବଲପୁର ଯୋଜନାକୁ ଓଡ଼ିଶାରେ ସର୍ବୋତ୍କୃଷ୍ଟ ରୂପେ ଗ୍ରହଣ କରି ଯୋଜନା କାର୍ଯ୍ୟକାରୀ କରିବାରେ ଆଗେଇ ଯିବା ପାଇଁ ଠକ୍‌କର ବାପା ମୋତେ ନିର୍ଦ୍ଦେଶ ଦେଲେ । ହରିଜନ ସେବକ ସଂଘ ସମ୍ବଲପୁର ଜିଲ୍ଲା ଶାଖା ସମ୍ପାଦକ ଓ ହରିଜନ ଛାତ୍ରାବାସର ସୁପରନ୍‌ଟେଣ୍ଡେଣ୍ଟ ରୂପେ ୧୯୪୨ ପର୍ଯ୍ୟନ୍ତ ମୁଁ ଦାୟିତ୍ୱ ତୁଲାଇଲି ଏବଂ ସେତେବେଳକୁ ଛାତ୍ରାବାସର ଅନ୍ତେବାସୀ ସଂଖ୍ୟା ୧୫ କୁ ବୃଦ୍ଧି ପାଇଥିଲା । ଏହି ଅବସରରେ ନିଖିଳ ଭାରତ ହରିଜନ ସେବକସଂଘର ଅନ୍ୟତମ ସଂପାଦକ ସ୍ୱର୍ଗୀୟ ଅଧ୍ୟାପକ ମାଲ୍କାନୀ, ଗୋରଖପୁର ଗୀତା ପ୍ରେସର ବାବା ରାଘବ ଦାସ, ଆଚାର୍ଯ୍ୟ ହରିହର ଦାସ, ସ୍ୱର୍ଗତ ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ଶ୍ରୀ ନନ୍ଦକିଶୋର ଦାସ ପ୍ରମୁଖ ଛାତ୍ରାବାସ ପରିଦର୍ଶନ କରିଥିଲେ । ସମ୍ବଲପୁର ଗସ୍ତ ଅବସରରେ ସ୍ୱର୍ଗତ ଠକ୍‌କର ବାପାଙ୍କ ସଙ୍ଗେ ୨୨ ଦିନ ଓ ସ୍ୱର୍ଗତ ଭାରତ ସେବକ ସଂଘ ସଭ୍ୟ ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସଙ୍ଗେ ୨୨ ଦିନ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନର ସୁଯୋଗ ଲାଭ କରିଥିଲି । ସ୍ୱର୍ଗତ ଶ୍ୟାମାଚରଣ ତ୍ରିପାଠୀ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଥିବା ବେଳେ ବାର୍ଷିକ ୩୦୦ ଟଙ୍କା ଛାତ୍ରାବାସ ପରିଚାଳନା ପାଇଁ ସାହାଯ୍ୟ ମଞ୍ଜୁର କରିଥିଲେ ।

ଜିଲ୍ଲାଧକ୍ଷ, ଜିଲ୍ଲାସ୍କୁଲ ପ୍ରଧାନ ଶିକ୍ଷକ ପ୍ରମୁଖ ଛାତ୍ରାବାସ ପରିଦର୍ଶନ କରି ବ୍ୟକ୍ତିଗତ ଆର୍ଥିକ ସାହଯ୍ୟ ଦେବାରେ ଆଗ୍ରହ ପ୍ରକାଶ କରୁଥିଲେ ।

୧୯୪୨ ଭାରତଛାଡ ଆନ୍ଦୋଳନରେ ଭାରତ ପ୍ରତିରକ୍ଷା ଆଇନ ବଳରେ ୰ ରାମରକ୍ଷା ଶୁକ୍ଲା, ମୋ ଭାଇ ୰ ଦୁର୍ଗା ପ୍ରସାଦ ଗୁରୁ ଓ ଶ୍ରୀ ଦୟାନନ୍ଦ ଶତପଥୀଙ୍କ ସମେତ ମୋ ବିରୁଦ୍ଧରେ ଏକ ମିଥ୍ୟା ମକଦ୍ଦମା ସରକାରଙ୍କ ପକ୍ଷରୁ ଆଗତ ହୋଇଥିଲା, ଆମେ ନିର୍ଦ୍ଦୋଷରେ ଖଲାସ ହେଲୁଁ । ଆମେ ଗିରଫ ହେଲାବେଳେ ମୋର ୬ ବର୍ଷର ଝିଅ ଦିନେଶ୍ୱରୀ କଠିନ ଜ୍ୱର ରୋଗରେ ଶଯ୍ୟାଶାୟିନୀ ଥିଲା ଏବଂ ୩ ଦିନ ପରେ ତାର ମୃତ୍ୟୁ ଘଟିଥିଲା । ମକଦ୍ଦମାରେ ଖଲାସ ହେବାପରେ ଆମ୍ଭମାନଙ୍କୁ ପୁଣି ଗିରଫ କରି ଅଟକ ବନ୍ଦୀରୂପେ ରଖାଗଲା ଏବଂ ୧୯୪୪ ଜୁଲାଇ ମାସରେ ଆମେ ଖଲାସ ହେଲୁଁ ।

ଏହାପରେ ପୂଜ୍ୟ ଠକ୍କର ବାବାଙ୍କ ନିର୍ଦ୍ଦେଶ ମତେ ମୁଁ ପୁଣି ଛାତ୍ରାବାସର ଦାୟିତ୍ୱ ତୁଲାଇଲି । ସ୍ୱାଧୀନତା ପ୍ରାପ୍ତିପରେ ୧୯୫୨ରେ ସାଧାରଣ ନିର୍ବାଚନ ହୋଇ କଂଗ୍ରେସ ଦଳ ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ତଦାନୀନ୍ତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ହରିଜନ ଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଛାତ୍ରାବାସର ଅନାବଶ୍ୟକତା ଦର୍ଶାଇବାରୁ ଅନ୍ତେବାସୀମାନେ ସରକାରୀ ବୃତ୍ତିପାଇ ସରକାରୀ ଛାତ୍ରାବାସରେ ସ୍ଥାନ ପାଇଲେ ।

ସରଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରିବା ବେଳେ ମୋର ମାତାମହଙ୍କ ପାଖକୁ ସ୍ୱର୍ଗତ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ଦେବଗଡ ଠାରେ ପ୍ରକାଶିତ ସାପ୍ତାହିକ 'ଉତ୍କଳ ହିତୈଷିଣୀ' ଖଣ୍ଡିଏ ଲେଖାଏଁ ଯାଉଥିଲା । ଏହା ପଢି ସମ୍ବାଦପତ୍ର ବିଷୟରେ କିଛି ଧାରଣା ଜନ୍ମିଲା । ପଟ୍ଟନାୟକପଡା ମାଇନର ସ୍କୁଲରେ ଅଧ୍ୟୟନ କଲାବେଳେ କିଛିକାଳ ଫ୍ରେଜର ପ୍ରେସର 'ଉତ୍କଳସେବକ' ର ତଦାନୀନ୍ତନ ସଂପାଦକ ସ୍ୱର୍ଗତ ବିମ୍ବାଧର ମିଶ୍ରଙ୍କ ଅଭିଭାବକତ୍ୱ ରେ ରହିଥିଲି । ଜିଲ୍ଲା ସ୍କୁଲ ଛାତ୍ରାବାସରେ ଥିବାବେଳେ ତତ୍ତ୍ୱାବଧାରକ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ୰ କୃଷ୍ଣଚନ୍ଦ୍ର ସେନଗୁପ୍ତ ଙ୍କ ପାଖକୁ ରାମକୃଷ୍ଣ ମିଶନ ପକ୍ଷରୁ ପ୍ରକାଶିତ 'ଉଦ୍‌ବୋଧନ' ମେଗାଜିନ ଆସୁଥିଲା, ଏହିସବୁ ପଢିବାର ସୁଯୋଗ ଲାଭକରି ସମ୍ବାଦପତ୍ର ପ୍ରତି ଏକ ଆଗ୍ରହ ଜନ୍ମିଥିଲା । ଜିଲ୍ଲା ସ୍କୁଲ ଅଧ୍ୟୟନ କାଳରେ ୰ ବାଳ ଗଙ୍ଗାଧର ତିଳକଙ୍କ ଦ୍ୱାରା ପ୍ରକାଶିତ 'ସ୍ୱରାଜ୍ୟ' ପତ୍ରିକାର ପ୍ରଶଂସା ଶୁଣିବାକୁ ମିଳିଲା । ୧୯୨୧ ରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପରେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ସମ୍ପାଦିତ 'ୟଙ୍ଗ ଇଣ୍ଡିଆ' ପତ୍ରିକା ପଢିବାର ସୁଯୋଗ ମିଳିଲା । ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି କଲିକତାରୁ ପ୍ରକାଶିତ 'ଅମୃତ ବଜାର ପତ୍ରିକା', 'ବସୁମତୀ', 'ହିନ୍ଦୁସ୍ଥାନ ଷ୍ଟାଣ୍ଡାର୍ଡ', ପାଟନାରୁ ପ୍ରକାଶିତ 'ସାର୍ଚ୍ଚ ଲାଇଟ' ପଢିବାର ଆଗ୍ରହ ଜନ୍ମିଲା । ସମ୍ବଲପୁରରୁ ୰ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦନରେ 'ସେବା' ସାପ୍ତାହିକ ପତ୍ରିକା ପ୍ରକାଶିତ ହେଲା ଏବଂ ପରେ ୰ ଭାଗୀରଥୀ ମିଶ୍ରଙ୍କ ହାତକୁ ତହିଁର ସମ୍ପାଦନା ଦାୟିତ୍ୱ ହସ୍ତାନ୍ତରିତ ହେଲା । ଅସହଯୋଗ ଓ କଂଗ୍ରେସ ଆନ୍ଦୋଳନ ସଂପୃକ୍ତ କେତେକ ସମ୍ବାଦ ମଧ୍ୟରେ ମଧ୍ୟରେ ଲେଖି ପଠାଉଥାଉଁ । ୧୯୨୯ ଲବଣ ସତ୍ୟାଗ୍ରହ ଆରମ୍ଭ ପରେ 'ସମାଜ'କୁ ସମ୍ବାଦ ପଠାଇବା ଆରମ୍ଭ କଲି । ୧୯୩୨ ରୁ ବିଧିବଦ୍ଧ ଭାବରେ 'ସମାଜ'ର ସମ୍ବାଦଦାତା ରୂପେ ସମ୍ବାଦ ପରିବେଷଣ କଲି । ସେତେବେଳେ ୰ ପଣ୍ଡିତ ଲିଙ୍ଗରାଜ ମିଶ୍ର ସମାଜର ସମ୍ପାଦକ ଓ ଡ : ରାଧାନାଥ ରଥ ସତ୍ୟବାଦୀ, ପ୍ରେସର ପରିଚାଳକ ଥିଲେ । ୧୯୩୭ ରେ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ମନ୍ତ୍ରୀମଣ୍ଡଳ କାଳରେ ମନ୍ତ୍ରୀମଣ୍ଡଳର ଅନ୍ୟତମ ସଦସ୍ୟ ୰ ବୋଧରାମ ଦୁବେଙ୍କ ପରାମର୍ଶ କ୍ରମେ Associated Press of India ର ସମ୍ବଲପୁର ସମ୍ବାଦଦାତା ରୂପେ ନିଯୁକ୍ତି ଲାଭ କଲି । କଟକ ଅଫିସର A.P.I ମେନେଜର ୰ N.R.Swamy ଙ୍କ ସୁପାରିଶ ଏହି ନିଯୁକ୍ତିରେ ରହିଥିଲା । ୧୯୩୭ ଆସେମ୍ବ୍ଲି ନିର୍ବାଚନ ବେଳେ ସାପ୍ତାହିକ 'ଜାଗରଣ'ର ସମ୍ପାଦକ ଦାୟିତ୍ୱ ସମ୍ପାଦନ କରିଥିଲି ।

ନାନା ଘାତ ପ୍ରତିଘାତ ମଧ୍ୟରେ 'ସମାଜ'ର ଜିଲ୍ଲା ପ୍ରତିନିଧି ରୂପେ ସ୍ୱୀକୃତ ହେଲି । ବିଶେଷତଃ ମୁଁ ଜାମା ବ୍ୟବହାର କରୁନଥିବାରୁ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିବା ପରେ ଡ : ରାଧାନାଥ ରଥ ମୁଁ ପରିଚ୍ଛଦ ଉନ୍ନତ ନ କଲେ ମୋତେ କେହି ସମ୍ମାନ କରିବେ ନାହିଁ ବୋଲି ଜାମା ଲଗାଇବାକୁ ପରାମର୍ଶ ଦେଇଥିଲେ । କିନ୍ତୁ ମୁଁ ମୋ, ନୀତିରେ ଚାଲିବାକୁ ଶ୍ରେୟସ୍କର ମନେ କରିଥିଲି । ଯାହାହେଉ ସମାଜର ସମ୍ମାନରେ ଆଞ୍ଚ ଆଣିବା ଭଳି କେତେକ ଆଞ୍ଚଳିକ ସମ୍ବାଦ, ସମ୍ବାଦ ପତ୍ରରେ ପ୍ରକାଶିତ ହେବାରୁ ମୋ ଉପରେ ବିଶ୍ୱାସ ସ୍ଥାପନକରି ଡ : ରଥ ତହିଁର ପ୍ରତ୍ୟୁତ୍ତର ପାଇଁ ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଯେଉଁ ସୂତ୍ରରୁ ଉପରୋକ୍ତ ପ୍ରତିକୂଳ ସମ୍ବାଦ ପ୍ରକାଶିତ ହୋଇଥିଲା ସେହି ସୂତ୍ରରୁ ତଥ୍ୟ ସଂଗ୍ରହ କରି ସମାଜକୁ ଅକାଟ୍ୟ ଯୁକ୍ତିଯୁକ୍ତ ପ୍ରତ୍ୟୁତ୍ତରର ଉପାଦାନ ଯୋଗାଇ ପାରିଥିଲି । ସମ୍ପାଦକ ଡ : ରଥଙ୍କ ସଦିଚ୍ଛାଯୋଗୁଁ ମୁଁ ସମାଜର ଯତ୍ କିଞ୍ଚିତ ସେବାରେ ୫୦ ବର୍ଷରୁ ଉର୍ଦ୍ଧ୍ୱକାଳ ଅତିବାହିତ କରିପାରିଛି ।

ଏସୋସିଏଟେଡ ପ୍ରେସ ଅଫ ଇଣ୍ଡିଆ ସ୍ୱାଧୀନତା ପ୍ରାପ୍ତିପରେ 'ପ୍ରେସ ଟ୍ରଷ୍ଟ ଅଫ ଇଣ୍ଡିଆ' ନାମରେ ରୂପାୟିତ ହେଲା । ଏଣୁ ମୁଁ ୨୦ ବର୍ଷ ତହିଁର ସମ୍ବାଦଦାତା ଦାୟିତ୍ୱ ତୁଲାଇବା ପରେ ମୋତେ ମାସିକ ୩୦ ଟଙ୍କା ରିଟେନର୍ ମଞ୍ଜୁର କରାଗଲା କିନ୍ତୁ ୧୦ ବର୍ଷ ପରେ ଅର୍ଥାତ୍ ୩୦ ବର୍ଷ ସେବାପରେ ମୋର କେତେକ ସାମ୍ବାଦିକ ବନ୍ଧୁଙ୍କ ପ୍ରରୋଚନାରେ ମୋତେ ଏକ ଇସ୍ତଫାପତ୍ର ଲେଖିବାକୁ କୁହାଗଲା ଏବଂ ମୁଁ ତାହା ଶିରୋଧାର୍ଯ୍ୟ କଲି । ହୀରାକୁଦ ବନ୍ଧ ଯୋଜନାର ଭିତ୍ତି ସ୍ଥାପନରୁ ଆରମ୍ଭ କରି ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ଓ ବିଶିଷ୍ଟ ବୈଜ୍ଞାନିକମାନଙ୍କଠୁଁ ଆରମ୍ଭକରି ରାଷ୍ଟ୍ରପତିଙ୍କ ପରିଦର୍ଶନ ପର୍ଯ୍ୟନ୍ତ ଖଣ୍ଡିଏ ସାଇକିଲରେ ଧୂଳିବାଲି ସଡକରେ ଯାଇ ସମ୍ବାଦ ସଂଗ୍ରହ କରିବାକୁ ହେଉଥିଲା । ହୀରାକୁଦ ବନ୍ଧ ନିର୍ମାଣ ଅବସରରେ ମଇ ମାସର ନିର୍ଧୂମ ମଧ୍ୟାହ୍ନ ଖରାରେ ଦିନେ ଶ୍ରମିକମାନେ କାର୍ଯ୍ୟକରୁଥିବା ସମୟରେ ସିଡି ଭାଙ୍ଗିଯିବାରୁ ମର୍ମନ୍ତୁଦ ଦୁର୍ଘଟଣାର ସମ୍ବାଦ ପାଇ ବନ୍ଧ ନିର୍ମାଣର ଚିଫ୍ ଇଞ୍ଜିନିୟର ୰ ଥିରୁମଲ ଆୟାଙ୍ଗାରଙ୍କୁ ଟେଲିଫୋନ ଯୋଗେ ଘଟଣାର

ବିବରଣୀ ଜାଣିବାକୁ ଚାହିଁବାରୁ ସେ ଟେଲିଫୋନ ଯୋଗେ ସମ୍ବାଦ ଦେବାକୁ ମନାକରି ତାଙ୍କ ପାଖକୁ ଯିବାପାଇଁ ପରାମର୍ଶ ଦେଲେ । ମୁଁ ସାଇକିଲରେ ବୁର୍ଲାଯାଇ ତାଙ୍କ ପରାମର୍ଶରେ ହାସପାତାଲରେ ଆହତ ବ୍ୟକ୍ତିମାନଙ୍କୁ ଦେଖି ସମ୍ବଲପୁର ଫେରି ଅପରାହ୍ନ ପ୍ରାୟ ୩ଟା ବେଳେ କଟକ ପି.ଟି.ଆଇ. ଅଫିସକୁ ଟେଲିଫୋନ ଯୋଗେ ସମ୍ବାଦ ପରିବେଷଣ କଲି । ଏହି ଦୁର୍ଘଟଣାରେ ୧୦୩ ଜଣ ଶ୍ରମିକ ଶୋଚନୀୟ ଭାବରେ ଆହତ ହୋଇ ସେମାନଙ୍କର ମଧ୍ୟରୁ ୧୦ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ✓ N.R. Swamy ଏହି ସମ୍ବାଦ ନେଇ ଧନ୍ୟବାଦ ଜଣାଇଥିଲେ ଏବଂ ସେହିଦିନ ରାତିରେ ଏ ସମ୍ବାଦ ଦିଲ୍ଲୀରୁ ଆକାଶବାଣୀ ମାଧ୍ୟମରେ ପ୍ରଚାରିତ ହୋଇଥିଲା । ଦିନେ ରାତିରେ ହୀରାକୁଦ ଲେଣ୍ଡ ଏକ୍ୟୁଜିସନ ଅଫିସର ✓ ସୂର୍ଯ୍ୟକୁମାର ପୂଜାରୀ ତଦାନୀନ୍ତନ D.S.P. ଶ୍ରୀ ଶ୍ୟାମସୁନ୍ଦର ପାଢୀ (ପୂର୍ବତନ D.G.) ଇବ ନଦୀରେ ସେମାନେ ଯାଇଥିବା ଲଞ୍ଚ ପଥରରେ ବାଜି ବୁଡିଯିବାରୁ ଗୋଟିଏ ପଥର ଉପରେ ରାତିଯାପନ କରିଥିଲେ ଏବଂ ସେମାନଙ୍କୁ ପରବର୍ତ୍ତୀ ସକାଳେ ଉଦ୍ଧାର କରାଯାଇଥିଲା । ଏ ସମ୍ବାଦ ପରିବେଷଣ ପାଇଁ ମୁଁ P.T.I. ଦ୍ୱାରା ପୁରସ୍କୃତ ହୋଇଥିଲି । କିନ୍ତୁ ଗୋଟିଏ ଅତିରଞ୍ଜିତ ଚମକପ୍ରଦ ସମ୍ବାଦ ପରିବେଷଣରେ ମୁଁ ନୀରବ ରହିବାରୁ ତାକୁ ଆଳକରି ମୋ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇ ଇସ୍ତଫା ଦେବାକୁ ପରାମର୍ଶ ଦେବାର ସୂତ୍ରପାତ ହୋଇଥିଲା ।

'ଉତ୍କଳ-ସେବକ' ର ସମ୍ପାଦକ ଶ୍ରୀ ବିଦ୍ୟାଧର ମିଶ୍ରଙ୍କ ଅଭିଭାବକତ୍ୱରେ ପରିଚାଳିତ ମେସ୍‌ରେ ଛାତ୍ରାବାସରେ ରହୁଥିବା ବେଳେ ଉତ୍କଳମଣି ଗୋପବନ୍ଧୁ ବିଦ୍ୟାଧର ବାବୁଙ୍କ ସଙ୍ଗେ ମିଶିବା ପାଇଁ ଉକ୍ତ ମେସ୍‌କୁ ଆସିଥିଲେ । ମୋର ଯେତେଦୂର ମନେହୁଏ ସେ ସେତେବେଳେ ସତ୍ୟବାଦୀରୁ "ସତ୍ୟବାଦୀ" ପତ୍ରିକା ପ୍ରକାଶ କରୁଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ସମ୍ବଲପୁରରେ ଅବସ୍ଥାନ କରୁଥିବା ବେଳେ ୬ ମାସରୁ ଅଧିକ କାଳ ତାଙ୍କ ସାହଚର୍ଯ୍ୟ ଲାଭର ସୁଯୋଗ ପାଇଥିଲି । 'ଆଶା'ର ସମ୍ପାଦକ ✓ ଶଶୀଭୂଷଣ ରଥଙ୍କ ସଙ୍ଗେ ବେଳେ ବେଳେ ସାକ୍ଷାତ ସୁଯୋଗ ମିଳୁଥିଲା । ୧୯୩୨ ଆଇନ ଅମାନ୍ୟ ଆନ୍ଦୋଳନରେ କାରାଦଣ୍ଡ ଭୋଗିବା ବେଳେ ପାଟଣା କେମ୍ପ ଜେଲରେ 'ସମାଜ'ର ପୁରୁଣା ପ୍ରତିନିଧି ✓ ସତ୍ୟବାଦୀ ତ୍ରିପାଠୀ ଓ ପ୍ରଚାରକ ✓ ଅନନ୍ତ ମିଶ୍ରଙ୍କ ସହିତ ଏକା ଉଆର୍ଡରେ ରହୁଥିଲି । ସ୍ୱାଧୀନତା ସଂଗ୍ରାମୀ ଓ ହରିଜନ ସେବକ ସଂଘର କର୍ମୀରୂପେ ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ସମ୍ପାଦିତ 'ୟଙ୍ଗ ଇଣ୍ଡିଆ' ଓ 'ହରିଜନ' ପତ୍ରିକା ପ୍ରତି ଆକୃଷ୍ଟ ହୋଇଥିଲି । ଏହିପରି ଭାବରେ ସାମ୍ବାଦିକତା ପ୍ରତି ମୋର ମମତାର ସୂତ୍ରପାତ ହୋଇଥିଲା । ଗଭୀର ଦୁଃଖର ବିଷୟ ଓଡିଶାରେ ଶଶୀଭୂଷଣ ରଥ, ପଣ୍ଡିତ ସତ୍ୟବାଦୀ ତ୍ରିପାଠୀ, ଏନ : ଆର : ସ୍ୱାମୀ, କୃପାସିନ୍ଧୁ ଦାସଙ୍କ ଭଳିଆ ସହକର୍ମୀ ଏବଂ ଉତ୍କଳମଣି ଗୋପବନ୍ଧୁ, ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ଭଳିଆ ଶୁଭେଚ୍ଛୁମାନେ ଆଉ ଇହ ଜଗତରେ ନାହାନ୍ତି । ମୁଁ ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସମ୍ବଲପୁରରେ ସାମ୍ବାଦିକତା କ୍ଷେତ୍ରରେ ମୋର ଘନିଷ୍ଠ ସହଯୋଗୀ ✓ ନିତ୍ୟାନନ୍ଦ ବହିଦାରଙ୍କ ସ୍ମୃତି ଉଦ୍ଦେଶ୍ୟରେ ମଧ୍ୟ ମୋର ଅନ୍ତରର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି ।

'ସମାଜ' ପ୍ରତିନିଧି ଛଡା ମୋତେ ସମ୍ବଲପୁରର ସମାଜର ଏଜେଣ୍ଟ ଦାୟିତ୍ୱ ମଧ୍ୟ ତୁଲାଇବାକୁ ହେଉଛି ଏବଂ ଜିଲ୍ଲାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକର ଏଜେଣ୍ଟମାନଙ୍କ ପାଖକୁ ସମାଜ ପେକେଟ ପଠାଇବା ଦାୟିତ୍ୱ ଦିଆ ହୋଇଅଛି । ମୁଁ ଗୋଟିଏ ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିବାରୁ ମୋର ପୈତୃକ ଜମିର ଚାଷକାମ ଦେଖିବାକୁ ହେଉଛି । କୃଷି ଭାରତର ଅର୍ଥନୀତିର ମୂଳଭିତ୍ତି ହୋଇଥିବାରୁ ଏବଂ ପ୍ରତ୍ୟକ୍ଷ ଅନୁଭୂତି ନେଇ କୃଷକର ସମସ୍ୟା ପରିବେଷଣ କରିବାର ସୁଯୋଗ ଗ୍ରହଣ କରିବାକୁ ଗାଁ କୁ ଚାଷ କାମ ଦେଖିବା ପାଇଁ ଯିବାର ମମତା ମୁଁ ସମ୍ବରଣ କରିପାରୁନାହିଁ । ସ୍ୱର୍ଗତ ଆଚାର୍ଯ୍ୟ ହରିହର ଦାସଙ୍କ ପରାମର୍ଶକ୍ରମେ ମୁଁ 'ସମାଜ'ର ଏଜେଣ୍ଟ ଦାୟିତ୍ୱ ଗ୍ରହଣ କରିଥିଲି ଏବଂ ଏହି ମହତ୍ ବ୍ୟକ୍ତିଙ୍କ ଆଶୀର୍ବାଦରୁ ମୋର ପୈତୃକ ଜମିସହ ଆଉ କେତେକ ଜମି ମିଶାଇ ଭରଣ ପୋଷଣର ସହାୟକ ରୂପେ ପରିଚାଳନା କରୁଅଛି । ଶ୍ରୀ ପ୍ରହ୍ଲାଦ ରାଏ ଲାଠଙ୍କ ଭଳିଆ ହିତୈଷୀଙ୍କ ସାହାଯ୍ୟ ଏଥିରେ ମୋର ସହାୟକ ହୋଇଛି ।

ସମ୍ବଲପୁରରେ ମୋର ରହିବା ପାଇଁ ଘର ଖଣ୍ଡେ ନ ଥିବାରୁ ମୁଁ କେତେବର୍ଷ ଏଠାରୁ ନଅମାଇଲ ଦୂର ଗାଆଁକୁ ଯିବା ଆସିବା କରି ଅବୈତନିକ ଭାବରେ ସମ୍ବାଦ ପରିବେଷଣ କରିଥିଲି ଏବଂ ମୋର ମାସିକ ପ୍ରାପ୍ୟ ପାଞ୍ଚଟଙ୍କାରୁ ଆରମ୍ଭ ହୋଇ ଗତ ୨/୩ ବର୍ଷ ହେଲା ୨୫୦ ଟଙ୍କାରେ ପହଞ୍ଚିଛି । ସାମ୍ବାଦିକ କ୍ଷେତ୍ରରେ ମୋ ପୁଅ, ଝିଅର ପୁଅ ନାତି ପ୍ରବେଶ କରିଅଛନ୍ତି । ମୋତେ ସାହାଯ୍ୟ କରିବା ପାଇଁ ମୋର ପୁଅକୁ ସମ୍ବାଦ ପରିବେଷଣ କରିବା କ୍ଷମତା ଦିଆହୋଇଥିଲା । କିନ୍ତୁ ସେ ପ୍ରାୟ ଦଶବର୍ଷକାଳ ତାର ଦାୟିତ୍ୱ ତୁଲାଇବା ପରେ ଅନ୍ୟ ଜଣେ ବନ୍ଧୁଙ୍କୁ 'ସମାଜ' ଗ୍ରହଣ କରି ମୋର ପ୍ରତିଦ୍ୱନ୍ଦୀ ରୂପେ ଗ୍ରହଣ କରାଯାଇଅଛି ଏବଂ ତାଙ୍କର ପରାମର୍ଶରେ ମୋର ପୁଅକୁ ବିଚ୍ୟୁତ କରାହୋଇଛି । ମୁଁ ଯେଉଁ ଶାନ୍ତିପୂର୍ଣ୍ଣ ପରିସ୍ଥିତିରେ ସମ୍ବାଦ ପରିବେଷଣ କରୁଥିଲି ମୁଁ ସେଥିରୁ ବଞ୍ଚିତ ହୋଇ ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇଛି ଏବଂ ନୂତନ ପ୍ରତିନିଧିଙ୍କ ପ୍ରାଧାନ୍ୟ ପ୍ରତି ଗୁରୁତ୍ୱ ଦିଆହେଉଛି ।

ବର୍ତ୍ତମାନ ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ଘଟିଥିଲେ ହେଁ ସାତ ଆଠ ବର୍ଷ ତଳେ ମୁଁ ହୃଦରୋଗରେ ଆକ୍ରାନ୍ତ ହେବାରୁ ସାଇକିଲ ଚଳାଇବା ବନ୍ଦ କରି ଦେଇଛି ଏବଂ ପରିସ୍ଥିତିରେ ଏ ଅଞ୍ଚଳର ଗୁରୁତ୍ୱ ଦୃଷ୍ଟିରୁ ଖଣ୍ଡିଏ ମୋଟର ଗାଡି ବ୍ୟବହାର କରିବା ଆବଶ୍ୟକତା ଉପଲବ୍ଧି କରୁଥିଲେ ହେଁ ତହିଁର ଅଭାବରୁ ପାଦରେ ଚାଲି ବା ରିକ୍‌ସାର ସାହାଯ୍ୟ ନେଇ ବିଭିନ୍ନ ଅନୁଷ୍ଠାନରେ ଯୋଗଦେଇ ସମ୍ବାଦ ସଂଗ୍ରହ କରିବାକୁ ପଡୁଛି । ଚାଷକାମ ଦେଖିବା ପାଇଁ ଯିବା ଆସିବା ବେଳେ ବସ୍ ରେ ବାଡଧରି ଠିଆ ହେବାକୁ ପଡୁଛି । ବର୍ତ୍ତମାନ ଉଦ୍ଦେଶ୍ୟ ମୂଳକ ଭାବରେ ସାମ୍ବାଦିକତା କ୍ଷେତ୍ରରେ ବହୁ ବ୍ୟକ୍ତି ପ୍ରବେଶ କରୁଥିବାରୁ ବାୟୁମଣ୍ଡଳ ଦୂଷିତ ହେଲା ଭଳିଆ ଲାଗୁଛି । ଦଳ ବିଶେଷ ଓ ପୁଞ୍ଜିବାଦୀଙ୍କ ମାଲିକାନାରେ ବହୁ ପତ୍ରିକା ପ୍ରକାଶିତ ହେବାରେ ଲାଗିଛି । ଅଧିକାଂଶ ପତ୍ରପତ୍ରିକା ବିରୋଧୀଦଳର

ଭୂମିକା ଗ୍ରହଣ କରୁଥିବା ଲକ୍ଷ୍ୟ କରାଯାଉଛି । ଗତବର୍ଷର ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସାହାଯ୍ୟ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇ ମୋର ଅନୁଭୂତି ହୋଇଛି ଯେ ଅନେକ ସରକାରୀ କର୍ମକର୍ତ୍ତା ଆନ୍ତରିକତାର ସହିତ ଲୋକଙ୍କ ଦୁର୍ଦ୍ଦଶା ବେଳେ ସେମାନଙ୍କ ପାଖରେ ପହଞ୍ଚି ଥିଲେ ହେଁ ସେମାନଙ୍କୁ ସମାଲୋଚନା କରିବାକୁ ସାମ୍ବାଦିକମାନେ ପଛେଇନାହାନ୍ତି ।

ଜଣେ ସ୍ୱାଧୀନତା ସଂଗ୍ରାମୀ ରୂପେ ବର୍ତ୍ତମାନର ବିଶୃଙ୍ଖଳ ଓ ଉତ୍ତେଜନାମୂଳକ ପରିସ୍ଥିତିରେ ବିରୋଧୀ ଦଳମାନେ ଓ ବିଚ୍ଛିନ୍ନତା ବାଦୀମାନେ ଯେପରି ଅକଥନୀୟ ଭୂମିକା ଗ୍ରହଣ କରୁଛନ୍ତି, ତ୍ୟାଗପୂତ ମହାତ୍ମାଗାନ୍ଧୀ ଙ୍କ ନେତୃତ୍ୱରେ କଷ୍ଟଲବ୍‌ଧ ସ୍ୱାଧୀନତା ବିପନ୍ନ ହେବାକୁ ଯାଉଥିବା ଅନୁଭବ କରୁଅଛିଁ । ଏତେବେଳେ ସାମ୍ବାଦିକ ମାନଙ୍କର ଗୁରୁଦାୟିତ୍ୱ ରହିଛି । ସମ୍ବାଦ ପରିବେଷଣ ବେଳେ ଗଭୀର ସଂଯମ ଅବଲମ୍ବନ ଅପରିହାର୍ଯ୍ୟ ।

ଆଜି ମୋତେ ଯେଉଁ ସମ୍ମାନ ଦେଉଛନ୍ତି ମୁଁ ସେଥିପାଇଁ ମୋର ଅନ୍ତରର କୃତଜ୍ଞତା ଜ୍ଞାପନ କରୁଛି । ମୁଁ ସାମ୍ବାଦିକତା କ୍ଷେତ୍ରରେ ସରକାରୀ, ବେସରକାରୀ ଦଳ ନିର୍ବିଶେଷରେ ସର୍ବୋପରି ଜନସାଧାରଣଙ୍କର ଯେଉଁ ସଦିଚ୍ଛା, ସହାନୁଭୂତି ଓ ବିଶ୍ୱାସ ଲାଭ କରିଛି ତାହାହିଁ ମୋର ସମ୍ବଳ । ସାମ୍ବାଦିକ ରୂପେ ସମ୍ବଲପୁରରେ ଏକ ସାମ୍ବାଦିକ ଭବନ ଏବଂ ସମାଜ ପତ୍ରିକାର ସମ୍ବାଦଦାତା ରୂପେ ସମ୍ବଲପୁରରେ ଏକ ଗୋପବନ୍ଧୁ ଭବନ ନିର୍ମାଣ ମୋର ସ୍ୱପ୍ନ ଥିଲା । ତାହା ଚରିତାର୍ଥ କରିବାରେ ସଂପୃକ୍ତ ଅନୁଷ୍ଠାନ ଓ ଜନସାଧାରଣଙ୍କର କାମନା କରୁଛି । ବିଳାସ ବ୍ୟସନ ଓ ଉଚ୍ଛୃଙ୍ଖଳାରୁ ଦୂରେଇ ଯୁବ ସାମ୍ବାଦିକ ବନ୍ଧୁମାନେ ଦେଶ ଓ ଜାତିର ସେବାରେ ଆତ୍ମନିୟୋଗ କରି ପାରିଲେ ସାମ୍ବାଦିକତାର ମାନ ଉନ୍ନତି କରିପାରିବେ ବୋଲି ମୋର ବିଶ୍ୱାସ ।

ସାମ୍ବାଦିକ

ତା : ୨୧-୫-୮୩